# ପିଲାଙ୍କ ଧରିତ୍ରୀ

ଶନିବାର ,୨୮ ମେ, ୨୦୨୨



# ଯେ ପାଞ୍ଚୁଥାଏ ପର ମନ୍ଦ

## ଗପ

**ଗୋ**ପାଳପୁର ଗାଁରେ ସୀମାର ଘର। ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼େ। ଗରିବ ପରିବାରର ଝିଅ। ବାପା ତା'ର ମୂଲ ମଜୁରି ଲାଗି ଚଳନ୍ତି। ମା' ସିଲେଇ କରି କିଛି ପଇସା ରୋଜଗାର କରନ୍ତି। ସୀମାର ସାନ ଭଉଣୀ ରିମା ପଞ୍ଚମ ଶ୍ରେଣୀରେ ପଢ଼େ। ଦୁଇ ଭଉଣୀ ସବୁଦିନ ସାଙ୍ଗ ହୋଇ ବିଦ୍ୟାଳୟକୁ ଯାଆନ୍ତି।



ସୀମା ଦେଖିବାକୁ ଯେମିତି ସୁନ୍ଦର, ତା'ର ବ୍ୟବହାର ଓ ଚାଲିଚଳଣ ମଧ୍ୟ ଖୁବ୍ ମାର୍ଜିତ। ଶ୍ରେଣୀରେ ସବୁବେଳେ ପ୍ରଥମ ହୁଏ। ତେଣୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସାଙ୍ଗସାଥୀ ଓ ଗାଁରେ ସମସ୍ତଙ୍କର ସେ ପ୍ରିୟପାତ୍ରୀ। ମାତ୍ର ଏ କଥା ସୀମାର ସହପାଠୀ ରାହୁଲ ଆଦୌ ସହିପାରେ ନାହିଁ। ଗାଁ ସରପଞ୍ଚଙ୍କ ପୁଅ ବୋଲି ତା' ମନରେ ଭାରି ଗର୍ବ ଓ ଅହଂକାର। ବାଟରେ ଘାଟରେ ଏମିତିକି ଶ୍ରେଣୀରେ ମଧ୍ୟ ସୀମାକୁ ଦେଖେଇ ଶିଖେଇ ନାନା କଥା କହେ। ତା' ସାଙ୍ଗ ବାଦଲ ବି ଏ କାମରେ ତାକୁ ସାହାଯ୍ୟ କରେ। ଦୁହେଁ ମିଶି ସୀମାକୁ ବହୁତ ଚିଡ଼ାନ୍ତି ଓ ତାଚ୍ଛଲ୍ୟ କରନ୍ତି।

ଦିନେ ସୀମା ଏ କଥା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଲା। ପ୍ରଧାନ ଶିକ୍ଷୟିତ୍ରୀ ସୀମାର ସ୍ୱଭାବ ଓ ରାହୁଲ ବ୍ୟବହାର ବିଷୟରେ ଭଲଭାବରେ ଜାଣନ୍ତି। ତେଣୁ ରାହୁଲକୁ ଅଫିସ୍‌କୁ ଡାକି ସୀମାକୁ ଏଭଳି ବ୍ୟବହାର ନ କରିବା ପାଇଁ ତାଗିଦ୍ କଲେ। ଏହାଦ୍ୱାରା ସୀମା ଉପରେ ରାହୁଲର ରାଗ ଆହୁରି ବଢ଼ିଗଲା। ସୀମାକୁ ଆଚ୍ଛା କରି ପାନେ ଦେବା ପାଇଁ ରାହୁଲ ଓ ବାଦଲ ମିଶି ଯୋଜନା କଲେ।

ବିଦ୍ୟାଳୟରୁ ଫେରିବା ରାସ୍ତାରେ ଖଜୁରି ଗଛ କେତୋଟି ଥାଏ। ଖରାଦିନ ହୋଇଥିବାରୁ କୋଳିଗୁଡ଼ିକ ପାଚିଥାଏ। ଗଛଗୁଡ଼ିକ ସେତେ ଉଚ୍ଚ ନୁହନ୍ତି। ଦିନେ ବିଦ୍ୟାଳୟ ଛୁଟି ହେବା ପରେ ରାହୁଲ ଓ ବାଦଲ ଆଗୁଆ ଚାଲିଆସିଲେ। ଯୋଜନା ମୁତାବକ ରାହୁଲ ପକେଟ୍‌ରେ କେତୋଟି ଛୋଟ ପଥର ଖଣ୍ଡ ନେଇ ଗଛ ଉପରକୁ ଉଠିଗଲା। ବାଦଲ ରାସ୍ତା ତଳକୁ ଲୁଚି ବସିଲା। ଉଦ୍ଦେଶ୍ୟ ସୀମା ଓ ରିମା ଏଇ ବାଟେ ଫେରିଲାବେଳେ ପଥର ଖଣ୍ଡ ତା' ମୁଣ୍ଡକୁ ପକାଇ ପ୍ରତିଶୋଧ ନେବ। କିଛି ସମୟ ପରେ ସେ ସୀମା ଆସୁଥିବାର ଲକ୍ଷ୍ୟ କରି ରାହୁଲ ପ୍ରସ୍ତୁତ ହେଉ ହେଉ ହଠାତ୍ ଗଛରୁ ତା' ହାତ ଖସିଗଲା। ଆଖିପିଛୁଳାକେ ରାହୁଲ ଗଛ ତଳେ ଧୁମ୍ କରି ପଡ଼ିଗଲା। ଏ କଥା ଦେଖି ବାଦଲ ମାରିଲା ଗୋଟେ ଡିଆଁ। ଠିକ୍ ସମୟରେ ରିମା ଓ ସୀମା ସେଠାରେ ପହଞ୍ଚିଗଲେ। ରାହୁଲର ଦେହସାରା ଖଣ୍ଡିଆ ଓ ଗୋଟିଏ ହାତ ଭାଙ୍ଗିଯାଇଥିବାରୁ ବିକଳରେ ରଡ଼ି ପକାଉଥାଏ। ସୀମା କାଳ ବିଳମ୍ବ ନ କରି ନିଜ ବୋତଲରୁ ପାଣି ବାହାର କରି ରାହୁଲକୁ ପିଆଇଦେଲା ଓ ତା' ମୁହଁକୁ ପାଣିରେ ପୋଛିଦେଲା। ନିଜ ଓଢ଼ଣିରେ ତା'ର ଦେହରୁ ବୋହୁଥିବା ରକ୍ତ ପୋଛିଦେଇ ବ୍ୟାଗ୍‌ରୁ ଖାତାଟିଏ ବାହାର କରି ତାକୁ ବିଞ୍ଚିବାକୁ ଲାଗିଲା। ରିମାକୁ ଗାଁକୁ ପଠାଇ ତା' ମା'ବାପାଙ୍କୁ ଖବର ଦେବାକୁ କହିଲା।

କିଛି ସମୟ ପରେ ତା' ମା' ବାପା ଆସି ପହଞ୍ଚିଲେ। ସୀମାକୁ ଧନ୍ୟବାଦ ଦେଇ ରାହୁଲକୁ ଡାକ୍ତରଖାନା ନେଲେ। ପ୍ରାୟ ଏକ ମାସ ପରେ ରାହୁଲ ଭଲ ହୋଇ ଘରକୁ ଫେରିଲା। ମାତ୍ର ସେ ସେତେବେଳକୁ ବୁଝି ସାରିଥାଏ ଯେ ଅନ୍ୟ ପାଇଁ ମନ୍ଦ ଚିନ୍ତା କରୁଥିବା ବ୍ୟକ୍ତିଟି ନିଜେ ହିଁ ଦଣ୍ଡ ପାଇଥାଏ। ତେଣୁ କଥାରେ ଅଛି "ଯେ ପାଞ୍ଚୁଥାଏ ପର ମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ।" ବାଦଲ ତାକୁ ଠକି ଦେଇଥିବାରୁ ସେ ତା'ଠାରୁ ଦୂରେଇ ରହିଲା ଓ ସୀମା ପାଖକୁ ଯାଇ ନିଜ ଭୁଲ୍ କାମ ପାଇଁ କ୍ଷମା ମାଗିଲା।

**–ମାଧବୀଲତା ଦେଇ**
ଏବିଇଓ, ଶ୍ରୀମୁଖ, ନିମାପଡ଼ା, ପୁରୀ

## ଖିଲି ଖିଲି ହସ


**(କଞ୍ଜୁସ ବାପା ଏବଂ ପୁଅ ମଧ୍ୟରେ କଥାବାର୍ତ୍ତା )**
**ବାପା:** ପୁଅ ମୋର ଗୋଟିଏ ଇଚ୍ଛା ଅଛି। ତୁ ପାଠ ପଢ଼ି ଭଲ ଓକିଲଟିଏ ହେବୁ।
**ପୁଅ:** କାହିଁକି ?
**ବାପା:** କାରଣ, ତୁ ଯଦି ଓକିଲ ହେବୁ ତେବେ ମୋ' କଳା କୋଟ୍ ତୋ କାମରେ ଆସିଯିବ।

**(ମଣ୍ଟୁ–ଚିଣ୍ଟୁ ମଧ୍ୟରେ କଥାବାର୍ତ୍ତା)**
**ମଣ୍ଟୁ:** ଚିଣ୍ଟୁ ,ତୋ ସାଇକେଲଟା ମୋତେ ଦେବୁ।
**ଚିଣ୍ଟୁ:** ନା, ମୁଁ ଦେବିନି।
**ମଣ୍ଟୁ:** ତୁ ଯଦି ଦବୁନି ମୋ ମନ ଖଟା ହୋଇଯିବ।
**ଚିଣ୍ଟୁ:** ତେବେ ତୁ ଗୋଟିଏ କାମ କର। ତୋର ସେହି ଖଟା ମନରେ ଚିନି ମିଶାଇ ଦେ ମିଠା ଲାଗିବ।

**(ପ୍ରିନ୍ସିପାଲ–ପପୁ ମଧ୍ୟରେ କଥାବାର୍ତ୍ତା)**
ସ୍କୁଲ୍ ପଛପଟ ନଦୀରେ ଥରେ ପ୍ରିନ୍ସିପାଲ ଗାଧୋଉ ଥାଆନ୍ତି। ଏହା ଦେଖି ପପୁ କହିଲା, ସାର୍ , ଆପଣ ଭଲ ଭାବରେ ସୋମବାର ପର୍ଯ୍ୟନ୍ତ ଗାଧାନ୍ତୁ। କାରଣ ରବିବାର ଛୁଟି ଅଛି। ସ୍କୁଲ ବିଷୟରେ ଚିନ୍ତା କରନ୍ତୁ ନାହିଁ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ତୁମ ପଢ଼ିବା ପାଇଁ




ପିଲାମାନେ ସାଧାରଣତଃ ଗପ, କବିତା, ପ୍ରବନ୍ଧ, ଲୋକକଥା, ହସକଥା ଆଦି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ଯେଉଁଥିରୁ ସେମାନେ ଅନେକ ଶିକ୍ଷଣୀୟ କଥା ଗ୍ରହଣ କରିଥାନ୍ତି। ଏଭଳି ପ୍ରୟାସ କରାଯାଇଛି ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ 'ମୋ ଆଶା'ରେ। ଏଥିରେ ରହିଛି 'ହସି ହସି ଗଡ଼ିଲେ, ସୁନାଝିଅ, ଚୋରି ଧରାପଡ଼ିଲା, ରାଜା ଓ ପ୍ରଜା, ଭାଗ୍ୟପରୀକ୍ଷା, ରାଜା କାହିଁକି ରାଗିଲେ, ସରଗ ପଡ଼ିଛି ହାତକୁ ଖସି' ଭଳି ଅନେକ ଗପ ଓ କବିତା। । ଏହାର ମୂଲ୍ୟ ରହିଛି ୨୦ ଟଙ୍କା।

ଯୋଗାଯୋଗ ଠିକଣା–ମୋ ଆଶା ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ–୭୫୨୧୦୬

## ମତାମତ

▸▸ 'ଆଇନା' ପୃଷ୍ଠାରେ କୁନି କୁନି ପିଲାଙ୍କ ଫଟୋ ବହୁତ ସୁନ୍ଦର ହୋଇଛି।
**–ଦେବେଶ ପ୍ରଧାନ, ଭଞ୍ଜନଗର, ଗଞ୍ଜାମ**

▸▸ 'ରଙ୍ଗଦିଅ'ରେ ରଙ୍ଗ କରିବାକୁ ମଜା ଲାଗୁଛି।
**–ବର୍ଷାରାଣୀ ବେହେରା, ବୀରମିତ୍ରପୁର, ସୁନ୍ଦରଗଡ଼**

▸▸ 'ଶିଶୁ ଓ କିଶୋର ମେଦ ବହୁଳତା' ବିଷୟରେ ପଢ଼ି କିଛି ନୂଆ ଜାଣିବାକୁ ମିଳିଲା। ଏବେଠୁ ଏଥିପ୍ରତି ସଚେତନ ନିଶ୍ଚୟ ହେବି।
**–ଦିବାକର ମଲ୍ଲିକ, ନିରାକାରପୁର, ଖୋର୍ଦ୍ଧା**

▸▸ 'ଜଣା ଅଜଣା' ପୃଷ୍ଠାରୁ ନୂଆ ନୂଆ କଥା ଜାଣିବାକୁ ମିଳୁଛି।
**–ଏଲିନା ଦାସ, ବକ୍ସିବଜାର, କଟକ**

▸▸ 'କବିତା' ସ୍ତମ୍ଭର ସବୁ କବିତା ପଢ଼ିବାକୁ ଭଲ ଲାଗିଲା।
**–ଶ୍ରୀବାଂଶି ହୋତା, ଇନ୍ଦିପୁର, ଢେଙ୍କାନାଳ**

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା)ସହ ପୁରା ନାମ,ବୟସ,ଠିକଣା ; ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଟଗଲା ଭୀମ୍ବୁ



# ମନ ପସନ୍ଦର ଖେଳ



"କ୍ରୀଡା ପ୍ରତି ପିଲାଙ୍କର ମନୋଭାବକୁ ପିଲାଟି ଦିନରୁ ଯଦି ପ୍ରୋତ୍ସାହିତ କରାଯାଏ, ତେବେ ସେମାନେ ଏ ଦିଗରେ ଅଧିକ ଅଗ୍ରସର ହୋଇପାରିବେ। ଏଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ବି ଆବଶ୍ୟକ। ସେମାନେ ଯେଉଁ କ୍ରୀଡାରେ ନିଜର ଦକ୍ଷତା ଦେଖାଇବାକୁ ଆଶା ରଖିଛନ୍ତି ତାହା ବି ସଫଳ ହୋଇପାରିବ ।"

ଆଜିକାଲି ପିଲାମାନେ କେବଳ ପାଠ ପଢ଼ା ନୁହେଁ, ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ପଶ୍ଚାତପଦ ହେଉନାହାନ୍ତି। କେବଳ ସ୍କୁଲ ସ୍ତରରେ ନୁହେଁ, ରାଜ୍ୟସ୍ତରୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରୁଛନ୍ତି। ତେବେ କ୍ରୀଡା ପ୍ରତି ପିଲାଙ୍କର ମନୋଭାବକୁ ପିଲାଟି ଦିନରୁ ଯଦି ପ୍ରୋତ୍ସାହିତ କରାଯାଏ, ତେବେ ସେମାନେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବେ। ଠିକ୍ ସମୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଦରକାର। ତେବେ ସେମାନେ ଯେଉଁ କ୍ରୀଡାରେ ନିଜର ଦକ୍ଷତା ଦେଖାଇବାକୁ ଆଶା ରଖିଛନ୍ତି ତାହା ବି ସଫଳ ହୋଇପାରିବ। ଏବେ ସ୍କୁଲ ସ୍ତରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସେଥିରେ ଅଂଶ ଗ୍ରହଣ କରି ପିଲାମାନେ ଏହାକୁ ନିଜ ଜୀବନର ଅନ୍ୟତମ ଲକ୍ଷ୍ୟ ଭାବରେ ଗ୍ରହଣ କରିବାକୁ ପଛାଉ ନାହାନ୍ତି। ଆଜିକାଲି ବିଭିନ୍ନ ପ୍ରକାର କ୍ରୀଡା-ଫୁଟବଲ, କ୍ରିକେଟ, ହକି, କବାଡି, ବ୍ୟାଡମିଣ୍ଟନ, ବାସ୍କେଟବଲ, ଟେନିସ୍ ଆଦି ଖେଳର ଚାହିଦା ରହିଛି। ଏହାବ୍ୟତୀତ ଇଣ୍ଡୋର ଗେମ୍ ଭାବରେ ଚେସ୍ ଏବଂ ଆଥଲେଟ୍‌ରେ ମଧ୍ୟ ପିଲାମାନେ ନିଜର ଦକ୍ଷତା ଦେଖାଇବାର ସୁଯୋଗ ରହିଛି। ତେବେ ପିଲାମାନେ ନିଜ ମନ ପସନ୍ଦର କ୍ରୀଡାକୁ ସବୁବେଳେ ଗୁରୁତ୍ୱ ଦେଇଥାଆନ୍ତି। ସେହି ନିର୍ଦ୍ଦିଷ୍ଟ କ୍ରୀଡାରେ ସେମାନେ ଜଣକୁ ନିଜର ରୋଲ୍ ମଡେଲ ଭାବରେ ଗ୍ରହଣ କରିଥାଆନ୍ତି। ବର୍ତ୍ତମାନ ଅନେକ ସ୍କୁଲ ପିଲା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ରାଜ୍ୟ ଏବଂ ଦେଶର ୧୫ବର୍ଷରୁ କମ୍ ଦଳରେ ନିଜକୁ ସାମିଲ କରୁଛନ୍ତି। ଏବେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଚୟନ ହୋଇଥିବା ପିଲାମାନଙ୍କୁ କ୍ରୀଡା ପ୍ରଶିକ୍ଷଣ ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ନିଜର ପସନ୍ଦର କ୍ରୀଡା ବିଷୟରେ କେତେକ ଛାତ୍ରୀଛାତ୍ର ଯାହା କହନ୍ତି....

## ଆଥଲେଟ୍ ମୋତେ ପ୍ରଭାବିତ କରିଛି



ଆଥଲେଟ୍ ଏପରି ଏକ କ୍ରୀଡା ଯାହା ଶରୀରକୁ ଫିଟ୍ ରଖିଥାଏ। ମୁଁ ପିଲାଟିବେଳୁ ଏପରି କ୍ରୀଡାରେ ଭାଗ ନେବାକୁ ଭଲପାଏ। ପ୍ରତିଦିନ ସକାଳୁ ଉଠି ଗ୍ରାଉଣ୍ଡକୁ ଦୌଡିବାକୁ ଯାଏ। ସକାଳେ ଓ ସନ୍ଧ୍ୟାବେଳେ ଏଥିପାଇଁ ବହୁତ ପରିଶ୍ରମ କରେ। ଆଥଲେଟରେ ଆହୁରି ସଫଳତା ଅର୍ଜନ କରିବାକୁ ମୋ ପରିବାର ସଦସ୍ୟ ଏବଂ ଆମ ସ୍କୁଲର ଶିକ୍ଷକ ମୋତେ ଯେତିକି ଉତ୍ସାହିତ କରିଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଅନ୍ୟପକ୍ଷରେ ଜିଲ୍ଲା ସ୍ତରୀୟ ଏବଂ ସ୍କୁଲସ୍ତରୀୟ ଆଥଲେଟିକ୍ କମ୍ପିଟିଶନ୍‌ରେ ମୁଁ ଭାଗ ନେଇ ପୁରସ୍କୃତ ମଧ୍ୟ ହୋଇଛି। ଏବେ ରାଜ୍ୟସ୍ତରୀୟ ଦୌଡ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଛି।

**-ଉନ୍ନତି ମିଶ୍ର,** କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅସୁରାଳି, ଭଦ୍ରକ



## ଫୁଟବଲ ଖେଳାଳି ହେବାକୁ ଆଶା ରଖିଛି



ପିଲାଟି ଦିନରୁ ବିଭିନ୍ନ ଖେଳ ଖେଳୁଥିଲି। ଥରେ କ'ଣ ହେଲା, ମୁଁ ଟିଭିରେ ଫୁଟବଲ୍ ଖେଳ ଦେଖୁଥାଏ। କାହିଁକି କେଜାଣି ମୋତେ ତାହା ଭାରି ଭଲ ଲାଗିଲା। ତା'ପରେ ଫୁଟବଲ ପ୍ରତି ମୋ ମନରେ ଆଗ୍ରହ ବଢିଗଲା। ଏ ବିଷୟରେ ଅଧିକ ଜାଣିବା ପାଇଁ ମୋ ପାପା ପ୍ରଦୀପ କୁମାର ବାରିକ ମୋତେ ବେଶ୍ ସାହାଯ୍ୟ କରିଛନ୍ତି। ଏହାବ୍ୟତୀତ ଅବସର ମିଳିଲେ ମୁଁ ପ୍ଲାଷ୍ଟିକ୍ ବଲ୍‌ରେ ଫୁଟବଲ ଅଭ୍ୟାସ କରିଥାଏ। ଏଥିଲାଗି ଦୁଇଘଣ୍ଟା ସମୟ ଦିଏ। ଭବିଷ୍ୟତରେ ଫୁଟବଲ ଖେଳାଳି ହେବାକୁ ଆଶା ରଖିଛି। ସ୍କୁଲରେ ବି ସାଙ୍ଗମାନଙ୍କ ସହ ବିଭିନ୍ନ ପ୍ରକାର ଖେଳ ଖେଳିଥାଏ। ସତକଥା ଖେଳିବା ଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ।

**-ସାଇପ୍ରଜ୍ଞା ବାରିକ,** କ୍ଲାସ-୩, ମା' ଶାରଦା ବିଦ୍ୟାନିକେତନ, ଓଲଡ୍ ଟାଉନ୍, ଭୁବନେଶ୍ୱର

## ଚେସ୍‌କୁ କ୍ୟାରିୟର କରିବି ବୋଲି ସ୍ଥିର କରିଛି



ମୋର ଚେସ୍ ଖେଳ ପ୍ରତି ପିଲାଟି ଦିନରୁ ଆଗ୍ରହ ସୃଷ୍ଟି ହୋଇଥିଲା। ଏହା ଏପରି ଏକ ଇଣ୍ଡୋର ଗେମ୍, ଯାହା ମାଇଣ୍ଡକୁ ସବୁବେଳେ ତାଜା ରଖିଥାଏ। ଏହି ଗେମ୍ ହେଉଛି ବୁଦ୍ଧିର ଖେଳ-ଏକଥା ଜାଣିବା ପରେ ଚେସ୍ ଟ୍ରେନିଂ ନେଇଥିଲି। ୟା ଭିତରେ ଏଥିରେ ଯେତିକି ସଫଳତା ହାସଲ କରିଛି, ତାହା ମୋତେ ଏହାକୁ କ୍ୟାରିୟର କରିବାକୁ ଯଥେଷ୍ଟ ପ୍ରୋତ୍ସାହନ ଦେଇଛି ବୋଲି କହିବି। ଆନ୍ତଃ-ଜିଲ୍ଲା ଚେସ୍ ପ୍ରତିଯୋଗିତାରେ ପୁରସ୍କୃତ ହୋଇଛି। ମୁଁ ଏବେ ଛୋଟ ପିଲା। ଆଗକୁ ଏହି ଗେମ୍‌ରେ ଆହୁରି ସଫଳତା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ପାଠ ପଢ଼ା ସହ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ ଯେମିତି ହେଲେ ଘଣ୍ଟାଏ ଚେସ୍ ପ୍ରାକ୍ଟିସ କରିଥାଏ। ମୋର ମନ ପସନ୍ଦର ଚେସ୍ ଖେଳାଳି ହେଉଛନ୍ତି ଆଲେକ୍ସଜାଣ୍ଡର ଆଲେକ୍ସିନ୍।

**-ସୋନମ ପ୍ରିୟଦର୍ଶିନୀ,** କ୍ଲାସ-୫, ଆର.ଏନ.ଏସ. ମେମୋରିଆଲ ହାଇ ସ୍କୁଲ, କଲିକତା





୧



**ଅନୁଭବ ମହାନ୍ତି**
କ୍ଲାସ– ୩, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର

୨



**ଶାଶ୍ୱତ ଖଣ୍ଡୁଆଳ**
କ୍ଲାସ–୪,ସେଣ୍ଟ ଜାଭିଅର ହାଇସ୍କୁଲ, ଭିଏସଏସ୍ ନଗର, ଭୁବନେଶ୍ୱର

୩



**ଦିବ୍ୟାଂଶୀ ମାଝୀ**
କ୍ଲାସ– ୩, ଏସ୍ଏଆର୍ ପବ୍ଲିକ୍ ସ୍କୁଲ, କଳିଙ୍ଗ ବିହାର, ଭୁବନେଶ୍ୱର

୪



**ଆହ୍ୱାନ ସ୍ୱାଇଁ**
କ୍ଲାସ– ୧, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍–୮, ଭୁବନେଶ୍ୱର

୫



**ସୁମେଧା ମିଶ୍ର**
କ୍ଲାସ– ୮, ସେଣ୍ଟ ଜାଭିଅର ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୬



**ଆୟୁଷ୍ମାନ ସାହୁ**
କ୍ଲାସ– ୬, ଓଡିଶା ଆଦର୍ଶ ବିଦ୍ୟାଳୟ, ଦାରିଙ୍ଗବାଡି, କନ୍ଧମାଳ

୭



**ପିୟୁଷ କୁମାର ହୋତା**
କ୍ଲାସ– ୮, ସରସ୍ୱତୀ ଶିଶୁ ମନ୍ଦିର, ସାକ୍ଷୀଗୋପାଳ, ପୁରୀ

୮




**ବିଦ୍ୟା ଜୟସିଂହ**
କ୍ଲାସ–୫, ରୁଚିକା ହାଇସ୍କୁଲ, ଗଙ୍ଗନଗର, ୟୁନିଟ୍–୬, ଭୁବନେଶ୍ୱର



୧




୨



୩



୪



୫




୬



୭



୮



## କବିତା

## ଆସରେ ଖେଳିବା ଖେଳ

**ଆ**ସରେ ପିଲେ ଖେଳିବା ଖେଳ
ଟାଣିବା ଗୋଟେ ଗାର
କିଏ ସେ ହେବ ନାଉରି ଭାଇ
କରିବ ବେଗି ପାର
ମହାନଦୀରେ ମଣିଷେ ପାଣି
ଲାଗିବ ଭାରି ଡର
ଭାକୁର ରୋହି ଚେଙ୍ଗ ଗଡ଼ିଶ
ମାଛ ଯେ କେତେ ପ୍ରକାର
ଡଙ୍ଗାରେ ବସି ଥିଇରି ଥିରି
ପାଣିରେ ମାରି ହାତ
କୁନା ଭାଇଟା ନାଉରି ହେବ
ମାରିବ ଯଦି କାତ
ତୋଳିବା ଫଳ ଆମ୍ବ, ବଉଳ
କଣ୍ଟେଇ ଖିରି କୋଳି
ଆସରେ ମିତ ଗାଇବା ଗୀତ
ହସି ମାରିବା ତାଳି ।

**–ଜିତୁ ପ୍ରଧାନ**
କୁଶାପାଣ୍ଡେରି, ନୟାଗଡ଼

## ସେ ଅଟେ ମହତ ଜନ

**ସେ** ଅଟେ ମହତ ଜନ
ପର ପାଇଁ ଯିଏ ସଦା ହୁଏ ଆଗଭର ।
ପର ଦୁଃଖେ ହୋଇ ସଦା ଦୁଃଖୀ
ନୟନୁ ନିଗାଡ଼ି ଥାଏ ଲୋତକର ଧାର ।
ପର ହିତ ସାଧନରେ ହୋଇଣ ମଗନ
ଦାନ କରେ ହସି ହସି ନିଜର ଜୀବନ ।
ଏହି ଦୁନିଆରେ ସିଏ ଅଟେ ଭାଗ୍ୟବାନ
ସଭିଏଁ ଅନ୍ତରୁ ତାକୁ ଜଣାନ୍ତି ସମ୍ମାନ ।

**–ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ**
କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର

## ଖରା ଆସିଛି

**ଥି**ରି ଥିରି ଖରା ଖେଳେ ଏଠି ଦୋଳି
ପବନ ଯାଇଛି ରୁଷି,
ଗଛ ଛାଇ ଏଠି ଦିଶୁନି କୋଉଠି
ଅଂଶୁଘାତ ଦିଏ ହସି ।
ଆଇସକ୍ରିମ୍ ବାଲା ଗାଆଁ ଗାଆଁ ବୁଲି
ଡାକୁଛି ଖରାରେ ନିତି,
ଥଣ୍ଡା ଆଇସକ୍ରିମ୍ ଖୁଆଏ ସଭିଙ୍କୁ
ସହି କେତେ ଖରା ତାତି ।
ଗଛ ଲଗାଇଲେ ଅମ୍ଳଜାନ ହେବ
ମିଳିବ ଟିକିଏ ଛାଇ,
ପଇଡ଼ ପାଣିର ସୁଆଦିଆ ପଣ
ଲସିରେ ମିଳିବ ନାଇଁ ।
ଥଣ୍ଡା ପାନୀୟକୁ ବ୍ୟବହାର କରି
ରୋଗରେ ପଡିବା ନାହିଁ,
ପ୍ରକୃତି ରାଣୀର ସୁ ସୁଆଦ ଫଳ
ଆଦରି ନ ନେବା କାହିଁ ।

**–ଝରଣା ବାରିକ**
ସମଲ, ତାଳଚେର, ଅନୁଗୋଳ



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## କରାଟେ ଚାମ୍ପିୟନ ସନ୍ତୋଷିନୀ

**ପି**ଲାଏ ଜୁଡୋ, କରାଟେ ବିଷୟରେ ନିଶ୍ଚେ ଜାଣିଥିବ । ତୁମମାନଙ୍କ ପରି କରାଟେ ଚାମ୍ପିୟନ ସନ୍ତୋଷିନୀ ରେଡ୍ଡୀ ୮୪ସେକେଣ୍ଡରେ ୮୪ଟି ସେରାମିକ୍ ଟାଇଲ ଭାଙ୍ଗି ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି । ହାଇଦ୍ରାବାଦର ୧୩ବର୍ଷର ଝିଅ ସନ୍ତୋଷିନୀ ଏଥିପାଇଁ ୫ରୁ ୬ମାସ ଅଭ୍ୟାସ କରୁଥିଲେ । ୧୩ବର୍ଷର ଝିଅ ଦୁଃସାହସିକ ଭାବରେ ଟାଇଲ୍ ଭାଙ୍ଗି ରେକର୍ଡ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସନ୍ତୋଷିନୀ କରାଟେରେ ବ୍ଲାକ୍ ବେଲ୍ଟ ପାଇଛନ୍ତି । ଏଥିସହ ସେ ଡ୍ୟାନ୍ସ, ଯୋଗ ଓ କରାଟେରେ ବାଲ ସୂର୍ଯ୍ୟ ଆୱାର୍ଡରେ ପୁରସ୍କୃତ ହୋଇଛନ୍ତି । ସେ କୁହନ୍ତି, ମୋ ବାପା ଏଥିପାଇଁ ମୋତେ ବହୁତ ପ୍ରେରଣା ଦେଇଛନ୍ତି । ସେ ମୋର ଗୁରୁ । ସେ ଏହି ସହରରେ ଏକ କରାଟେ ଏକାଡେମୀ ଖୋଲିଛନ୍ତି, ଯେଉଁଠି କି ମୋ ଭଳି କୁନି କୁନି ଛୁଆ କରାଟେ ଶିଖିବାକୁ ଆସିଥାନ୍ତି । ସନ୍ତୋଷିନୀ କରାଟେରେ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍ ଜିତିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।



## ଏଥରର




- ଭାରତରେ ଟେଲିଭିଜନ ବ୍ୟବହାର କେବେ ଆରମ୍ଭ ହୋଇଥିଲା ?
- ‘ଗାଇଡିଙ୍ଗ୍ ସୋଲସ୍’ ବହି କିଏ ଲେଖିଥିଲେ ?
- କାହାର ଜନ୍ମଦିବସକୁ ‘ରାଷ୍ଟ୍ରୀୟ ଶିକ୍ଷା ଦିବସ’ ଭାବେ ପାଳନ କରାଯାଏ ?
- ‘ୟୁଏନ୍ ୱାର୍ଲ୍ଡ ହାପିନେସ୍ ୨୦୨୨’ ରିପୋର୍ଟ ଅନୁଯାୟୀ ଭାରତ କେତେତମ ସ୍ଥାନରେ ଅଛି ?
- ଗଳିକନ୍ଦିରେ ଘୁରୁଥିବା ପଶୁପକ୍ଷୀଙ୍କ ପାଇଁ ଭାରତରେ କେଉଁଠି ପ୍ରଥମ କରି ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି ?

## ଗତଥରର

- ଦ୍ୱିତୀୟ
- ନୂଆଦିଲ୍ଲୀ
- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ସରକାରୀ ନିର୍ଦ୍ଦେଶନାମା
- ୨ ଅକ୍ଟୋବର ୨୦୦୮
- ବିଷ୍ଣୁଶର୍ମା

## କହିଲ ଦେଖି



ଆୟୁଷ ପୂରିଲେ ନେବାକୁ ସିଏ
ମର୍ତ୍ତ୍ୟକୁ ଓହ୍ଲାଇଥାଏ
ତାକୁ ପ୍ରତିବାଦ କରି କି ଯିଏ
ପତିକୁ ବଞ୍ଚାଇଥିଲେ
ମଥା ସିନ୍ଦୂରକୁ ଚିରଦିନ ପାଇଁ
ସିନ୍ଥିରେ ଲଗାଇଥିଲେ
ସେ ନାରୀ କିଏ କହି କେ ପାରିବ ପିଲେ ?

**ଉତ୍ତର– ସାବିତ୍ରୀ**



କଳା ମସମସ ପଶୁ ଉପରେ
ବସି ଆସନ୍ତି ସେ ଧରାଧାମରେ
ମୃତ୍ୟୁର ସେ ଅଧିକାରୀ
କାଳ ପୂରିଗଲେ ନ ଶୁଣନ୍ତି ଗୁହାରି
ହାତେ ଧରି ନିଅନ୍ତି ସିଏ
ଜାଣିଛ କି ପିଲେ ଏମିତି ସଂସାରେ
ଅଛନ୍ତି କିଏ ?


**ଉତ୍ତର – ଯମ ଦେବତା**



ପତିପୂଜା ପାଇଁ ତିଥି ଅଟଇ
ପଣସ ସପୁରି ଲାଗି ହୁଅଇ
ବର୍ଷକୁ ଥରେ, ପାଳେ ଓଡ଼ିଆଣୀ ଘରେ
କେ ଜାଣିଛ ଯଦି ଏହି ତିଥି ନାମ
କହି ଦିଅ ଆହେ ଥରେ ?

**ଉତ୍ତର– ସାବିତ୍ରୀ ଅମାବାସ୍ୟା**

**–ଦୀନବନ୍ଧୁ ପୋଇ**
ପୋରଡ଼ାପାଳ, କରମୂଳ, ଯୋରନ୍ଦା, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨



## କୁକୁର ଆଖି ପ୍ରଖର

ଆଦିମ କାଳରୁ ପ୍ରଥମ ପୋଷା ଜୀବ ଭାବରେ କୁକୁରକୁ ଗଣନା କରାଯାଏ। କୁକୁରଙ୍କର ଆଖି ମଣିଷଙ୍କ ଆଖି ତୁଳନାରେ ଅଧିକ ପ୍ରଖର। କେବଳ ସେତିକି ନୁହେଁ, ଏମାନଙ୍କର ଆଉ ଏକ ବିଶେଷତ୍ୱ ରହିଛି। କୁକୁରର ଶ୍ରବଣ ଶକ୍ତି ମଣିଷର ଶ୍ରବଣ ଶକ୍ତିଠାରୁ ପ୍ରାୟ ୯ ଗୁଣା ଅଧିକ।



## ବିଲେଇର ସ୍ୱର

ସାଧାରଣତଃ ବିଲେଇକୁ ଅଶୁଭ ଜୀବ ଭାବରେ ଅନେକ ମାନନ୍ତି। ଅନ୍ୟପକ୍ଷରେ କେତେକ ବିଲେଇକୁ ପୋଷି ବେଶ୍ ଆନନ୍ଦ ପାଆନ୍ତି। ତେବେ ବିଲେଇର ସ୍ୱର ବିଷୟରେ ରୋଚକ ତଥ୍ୟ ରହିଛି। ଗୋଟିଏ ବିଲେଇ ତାହାର ସ୍ୱରକୁ ପ୍ରାୟ ୧୦୦୦ ପ୍ରକାର କରିପାରେ।





## ବ୍ଲୁ ହ୍ୱେଲ୍‌ର ହୃତ୍‌ପିଣ୍ଡ

ପିଲାଏ, ତୁମେମାନେ କେବେ ବ୍ଲୁ ହ୍ୱେଲ ଦେଖିଛ ? ଏହି ପ୍ରାଣୀ ସମୁଦ୍ରରେ ଦେଖିବାକୁ ମିଳନ୍ତି। ଗୋଟିଏ ବ୍ଲୁ ହ୍ୱେଲ୍ ହୃତ୍‌ପିଣ୍ଡର ସ୍ପନ୍ଦନ ଏକ ମିନିଟ୍‌ରେ କେତେ ଥର ହୁଏ ଜାଣିଛ ? ମାତ୍ର ୯ଥର। ଖାସ୍ କଥା ହେଲା, ଗୋଟିଏ ବ୍ଲୁ ହ୍ୱେଲ୍ ଓଲଟା ଦିଗରେ ପହଁରି ପାରେନାହିଁ।

## ମହୁମାଛି ଓ ଫୁଲରସ


ପିଲାଏ, ମହୁ ଖାଇବାକୁ ମିଠା ଏବଂ ଏଥିରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ମହୁମାଛି ହିଁ ମହୁ ତିଆରି କରିଥାଏ। ଗୋଟିଏ ମହୁମାଛି ଥରକେ ପ୍ରାୟ ୨୦ ଲକ୍ଷ ଫୁଲର ରସ ପିଇପାରେ। ଗୋଟିଏ ମହୁମାଛି ଜୀବନକାଳ ମଧ୍ୟରେ ୪୫ କିଲୋ ମହୁ ସଂଗ୍ରହ କରିପାରେ।





## ହାତୀ ଶୁଣ୍ଢ

ପିଲାଏ, ତୁମେମାନେ ତ ହାତୀ ଦେଖିଥିବ। ହେଲେ ଜାଣିଛ, ଗୋଟିଏ ହାତୀ ତା' ଶୁଣ୍ଢରେ ପ୍ରାୟ ୫ ଲିଟର ପର୍ଯ୍ୟନ୍ତ ପାଣି ରଖିପାରେ। ପୁଣି ତାହାର ଶୁଣ୍ଢରେ ପ୍ରାୟ ୪୦ ହଜାର ମାଂଶପେଶୀ ରହିଛି। କିନ୍ତୁ ଏଥିରେ ଆଦୌ ଅସ୍ଥି ନାହିଁ।



## ମଶାର ରକ୍ତଶୋଷଣ କ୍ଷମତା

ମ୍ୟାଲେରିଆ ହେଉ ଅବା ଡେଙ୍ଗୁ ରୋଗର ବାହକ ହେଉଛନ୍ତି ମଶା। କେବଳ ମାଈ ମଶା ହିଁ ଲୋକଙ୍କଠାରୁ ରକ୍ତ ଶୋଷିଥାଏ। ଏହି ମଶା ନିଜ ଓଜନଠାରୁ ତିନିଗୁଣା ଅଧିକ ରକ୍ତ ଶୋଷିଥାଏ। ଅଣ୍ଡିରା ମଶା ମିଠା ତଥା ତରଳ ପଦାର୍ଥ ପିଇବାକୁ ପସନ୍ଦ କରେ।

ଆସ ଜାଣିବା

# ପୃଥିବୀର ଦୀର୍ଘତମ ଓ କ୍ଷୁଦ୍ରତମ ନଦୀ





ନଦୀ କହିଲେ ଆମ ମନକୁ ଆସେ ଏକ ସ୍ୱତଃ ପ୍ରବାହିତ ଜଳବାହକ, ଯେଉଁଥିରେ ସାଧାରଣତଃ ମଧୁର ଜଳ ପ୍ରବାହିତ ହୋଇଥାଏ। ନଦୀଗୁଡ଼ିକ ମୁଖ୍ୟତଃ ପର୍ବତ କନ୍ଦରରୁ, ଉପତ୍ୟକାରୁ, ଆଉ ବା କେବେକେବେ ବୃହତ୍ ଜଳସ୍ରୋତରୁ ଉତ୍ପତ୍ତି ହୋଇଥା'ନ୍ତି। ନଦୀ ସର୍ବଦା ନିମ୍ନଗାମୀ ହୋଇ ସମୁଦ୍ର କିମ୍ବା ଅନ୍ୟ ଏକ ଜଳସ୍ରୋତ ସହ ମିଶିଥାଏ। କେବେକେବେ ନଦୀଟିଏ କିଛି ବାଟ ପ୍ରବାହିତ ହେଲାପରେ ଭୂମି ଭିତରକୁ ବୋହିଯାଇ ଶୁଖି ଯାଇଥାଏ।

ମାନବ ସଭ୍ୟତାର ଇତିହାସ ନଦୀ ସହିତ ଓତପ୍ରୋତ ଭାବେ ଜଡ଼ିତ। ବିଶ୍ୱର ଅନେକ ପୁରାତନ ସମୃଦ୍ଧ ସଭ୍ୟତା ଓ ଆଜିର ଅନେକ ଆଧୁନିକ ସଭ୍ୟତା ମଧ୍ୟ ଗୋଟିଏ ଗୋଟିଏ ନଦୀର ଉପକୂଳରେ ଗଢ଼ି ଉଠିଛି। ନଦୀ ଜଳଚକ୍ରର ଏକ ଅଂଶ ଅଟେ। ନଦୀ ସମ୍ପର୍କିତ ବୈଜ୍ଞାନିକ ଅଧ୍ୟୟନକୁ ପୋଟାମୋଲୋଜି (Potamology) କୁହାଯାଏ।

ପୃଥିବୀରେ ଥିବା ନଦୀଗୁଡ଼ିକ ମଧ୍ୟରୁ ଆଫ୍ରିକା ମହାଦେଶର ନୀଳ ନଦୀ ହେଉଛି ସବୁଠାରୁ ଦୀର୍ଘତମ ନଦୀ। ଏହି ନଦୀର ଉତ୍ପତ୍ତିସ୍ଥଳ ମିଶର (ଇଜିପ୍ଟ) ଦେଶର ଭିକ୍ଟୋରିଆ ହ୍ରଦରୁ। ୬ ହଜାର ୬୫୦ କି.ମି. ଦୀର୍ଘ ଏହି ନଦୀଟି ମିଶର, ଉଗାଣ୍ଡା, ଇଥିଓପିଆ, କେନିଆ, ତାଞ୍ଜାନିଆ, ରୁଆଣ୍ଡା, କଙ୍ଗୋ, ଓରିତ୍ରିଆ, ବୁରୁଣ୍ଡି, ସୁଦାନ ଆଦି ଦେଶ ମଧ୍ୟ ଦେଇ ପ୍ରବାହିତ ହୋଇ ଶେଷରେ ଭୂମଧ୍ୟସାଗରରେ ମିଶିଛି। ନୀଳ ନଦୀର ଅନେକ ଶାଖା ନଦୀ ରହିଛି। ସେଗୁଡ଼ିକ ଭିତରୁ ବ୍ଲୁ ଓ ହ୍ୱାଇଟ୍ ନୀଳ ନଦୀ ହେଉଛନ୍ତି ପ୍ରମୁଖ।

ବିଶ୍ୱର ଦୀର୍ଘତମ ନଦୀକୁ ନେଇ ବିଶେଷଜ୍ଞଙ୍କ ମଧ୍ୟରେ ରହିଛି ମତଭେଦ। ଅନେକଙ୍କ ମତରେ ଦକ୍ଷିଣ ଆମେରିକାର ଆମାଜନ ନଦୀ ହେଉଛି ବିଶ୍ୱର ଦୀର୍ଘତମ ନଦୀ। ଏଭଳି ମତ ପାର୍ଥକ୍ୟ ରହିବା ସ୍ୱାଭାବିକ, କାହିଁକି ନା ନଦୀର ଦୈର୍ଘ୍ୟକୁ ତା'ର ଅଙ୍କାବଙ୍କା ଗତିପଥ, ଶାଖା ଓ ଉପନଦୀଙ୍କ ଉପସ୍ଥିତି ଯୋଗୁଁ ସଠିକ୍ ଭାବରେ ମାପିବା ଅତି କଷ୍ଟସାଧ୍ୟ କାମ। ତଥାପି ନୀଳ ନଦୀ ଓ ଆମାଜନ ନଦୀ ମଧ୍ୟରୁ ନୀଳ ନଦୀକୁ ବହୁଳ ଭାବେ ବିଶ୍ୱର ଦୀର୍ଘତମ ନଦୀର ଆଖ୍ୟା ଦିଆଯାଇଛି।


ଅପରପକ୍ଷେ ଯୁକ୍ତରାଷ୍ଟ୍ର ଆମେରିକାର ମୋନଟାନାରେ ଥିବା 'ରୋ' ନଦୀଟି ହେଉଛି ବିଶ୍ୱର ସବୁଠାରୁ କ୍ଷୁଦ୍ର ନଦୀ। ଏହା ମାତ୍ର ୬୧ ମିଟର ଲମ୍ବା। ଏହା ଜାଏଣ୍ଟ ସ୍ପିରଙ୍ଗରୁ ବାହାରି ଗ୍ରେଟ୍ ଫଲ୍ ପାଖରେ ଥିବା ମସୋରୀ ନଦୀରେ ମିଶିଛି।

ପୃଥିବୀର ବୃହତ୍ତମ ନଦୀଟିର ଦୈର୍ଘ୍ୟ ହଜାର ହଜାର କିଲୋମିଟର ହୋଇଥିବାବେଳେ କ୍ଷୁଦ୍ରନଦୀଟି ଏକ କିଲୋମିଟରରୁ ବି କମ୍।

**–ଜାହ୍ନବୀ ମିଶ୍ର**
ନଭି ମୁମ୍ବାଇ, ମୋ: ୯୧୩୬୧୧୯୭୫୩

# ଆ ଇ ନା





ଆୟୁଷ କୁମାର ଦାସ
୫ ବର୍ଷ / ବାଲେଶ୍ୱର

ସୁଶ୍ରୀ ଶ୍ରାବଣୀ ନନ୍ଦ
୬ ବର୍ଷ / ଭୁବନେଶ୍ୱର